ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/FARD(Od)/199/12-02-2024**

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪

- ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଏପରି ସମାବେଶ
- ଚଳିତ ବର୍ଷର ବିଷୟବସ୍ତୁ 'ଜଳେ ମତ୍ସ୍ୟ-ପ୍ରାଣିପାଳନ, ଆୟ ହୋଇବ ବହୁଗୁଣ'
- ଯୋଗଦେବେ ୬,୦୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ, ପ୍ରାଣିପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଉଦ୍ୟୋଗୀ
- ପ୍ରାୟ ୪୦୦ ଷ୍ଟଲ୍ ସହ ୧୨ଟି ଆଲୋଚନା ଚକ୍ର
- ପ୍ରଦର୍ଶିତ ହେବ ଯୁବରାଜ ବୋଫାଲୋ ବୁଲ୍, ଏଲ୍ଇଡି  ଟନେଲ୍ ଆକ୍ୱାରିୟମ୍, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡଗ୍ ସୋ

## ଗୋଟିଏ ମଞ୍ଚରେ ପ୍ରତିର୍ଶିତ ହେବ ମତ୍ସ୍ୟ ଓ ପ୍ରାଣିପାଳନର ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନ : ମତ୍ସ୍ୟ ଓ ପ୍ରାଣିସଂପଦ ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର, ଫେବୃଆରୀ ୧୨, ୨୦୨୪

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ର ରାଜ୍ୟର ଚାଷୀଙ୍କ ଆୟ ବହୁଗୁଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ମାଧ୍ୟମରେ ଚାଷୀ, ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଅଭିବୃଦ୍ଧିର ପରବର୍ତ୍ତୀ ସ୍ତର ଭାବରେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣିପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି କୃଷକମାନଙ୍କୁ ଉତ୍ପାଦନ ଓ  ଉତ୍ପାଦକତା ବୃଦ୍ଧି ବିଷୟରେ ସଚେତନ କରାଇବା ପାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଆୟୋଜନ କରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୪ ଉପଲକ୍ଷେ ଆଜି କୃଷି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ସମାବେଶ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଗୋପାଳକ, ପ୍ରାଣିପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ସେବା ପ୍ରଦାନକାରୀ ସଂସ୍ଥା ଓ ଶିଳ୍ପଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ମଞ୍ଚ ପ୍ରସ୍ତୁତ କରିବା ସହ ମତ୍ସ୍ୟ ଓ ପ୍ରାଣିପାଳନର ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନକୁ ପ୍ରଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖିଛି । 'ଜଳେ ମତ୍ସ୍ୟ-ପ୍ରାଣିପାଳନ, ଆୟ ହୋଇବ ବହୁଗୁଣ' ଥିମ୍ କୁ ନେଇ ଏହି ସମାବେଶ ୧୬ ରୁ ୧୮ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବ । ସଂପ୍ରତି ଜିଲ୍ଲାସ୍ତରରେ ଆୟୋଜିତ ମତ୍ସ୍ୟ ଓ ପ୍ରାଣିସଂପଦ ମେଳାର ସଫଳ ଆୟୋଜନ ଓ ଏଥି ପ୍ରତି ଚାଷୀ ଓ ଜନସାଧାରଣଙ୍କ ଆଗ୍ରହକୁ ଲକ୍ଷ୍ୟରେ ରଖି ରାଜ୍ୟସ୍ତରରେ ମତ୍ସ୍ୟ-ପ୍ରାଣୀ ସମାବେଶର ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୁଣି କହିଛନ୍ତି ଯେ ମାଛଚାଷ ଓ ପ୍ରାଣିପାଳନ ସଂପ୍ରତି ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଓ ସଶକ୍ତ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ରାଜ୍ୟ ସରକାର ଜେଣ୍ଡର ବଜେଟିଂ କାର୍ଯ୍ୟକାରୀ କରୁଛନ୍ତି । ଏହା ଅନ୍ତର୍ଗତ କିଛି କାର୍ଯ୍ୟକ୍ରମର ୧୦୦ ପ୍ରତିଶତ

ଏବଂ ଆଉ କିଛି କାର୍ଯ୍ୟକ୍ରମରେ ଅତି କମରେ ୩୦% ପ୍ରତିଶତ କେବଳ ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ଏହି ସମାବେଶରେ ପ୍ରତି ବ୍ଲକ୍‌ରୁ ୨୦ ଜଣ ଚାଷୀ ମିଶାଇ ୬,୦୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ, ପ୍ରାଣିପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଉଦ୍ୟୋଗୀମାନେ ଯୋଗଦେବେ । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ଆଇସିଏଆର୍, ୱାଲର୍ଡ ଫିସ୍, ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ବେସରକାରୀ ସଂଗଠନକୁ ସାମିଲ କରି ବୈଷୟିକ ଅଧିବେଶନ, କୃଷକ-ବୈଜ୍ଞାନିକ ଆଲୋଚନା, ସେମିନାର, ଅତ୍ୟାଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ, ଅଭିଜ୍ଞତା ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଉଛି । ପ୍ରାୟ ୨୦୦ ଚାଷୀ ଏବଂ ଉଦ୍ୟୋଗୀଙ୍କୁ ମତ୍ସ୍ୟ ଏବଂ ପ୍ରାଣିପାଳନ କ୍ଷେତ୍ରରେ ସେମାନଙ୍କର ସଫଳତା ପାଇଁ ଚାମ୍ପିଅନ୍ ଭାବରେ ପୁରସ୍କୃତ କରାଯିବ । ଶ୍ରେଷ୍ଠ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ କ୍ଷେତ୍ରର ବିକାଶରେ ଅବଦାନ ପାଇଁ ସମ୍ମାନିତ କରାଯିବ ।

ରାଜ୍ୟର ୨୪୦୦ ଅଗ୍ରଣୀ କୃଷକ/ଉଦ୍ୟୋଗୀ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମତ୍ସ୍ୟ, ପ୍ରାଣିସମ୍ପଦ ଏବଂ କୃଷି ଉପରେ ୧୨ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିବେ । ଦେଶର ବିଭିନ୍ନ ସ୍ଥାନରୁ ଏବଂ ବିଦେଶରୁ ପ୍ୟାନେଲିଷ୍ଟ ଦୁଗ୍ଧ ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ବ୍ୟବସ୍ଥା, ଛେଳିମେଣ୍ଢା ଫାର୍ମିଂ ମାଧ୍ୟମରେ କୃଷକଙ୍କ ଆୟବୃଦ୍ଧି, ଉଦ୍ୟୋଗ ବିକାଶ ପାଇଁ ବାୟୋ-ଫ୍ଲକ୍ ଏବଂ କେଜ୍ ପଦ୍ଧତିରେ ମାଛଚାଷ ପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବେ ।

ଏକ ନୂତନ କାର୍ଯ୍ୟକ୍ରମ 'ଆସ୍କ ଦି ମିନିଷ୍ଟର'ର ପରିକଳ୍ପନା କରାଯାଇଛି । ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମନ୍ତ୍ରୀ କୃଷକ ମାନଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ।

ଶତାଧିକ କମ୍ପାନି, ଏନ୍‌ଜିଓ, ଜାତୀୟ ସ୍ତରର ଅନୁଷ୍ଠାନ, ରାଜ୍ୟ ସରକାରୀ ବିଭାଗ, ନିର୍ଦ୍ଦେଶାଳୟ ଏବଂ ସମବାୟ ସଂସ୍ଥା ମତ୍ସ୍ୟ, ପ୍ରାଣିସମ୍ପଦ, କୃଷି ଓ ଅନ୍ୟାନ୍ୟ ବିଷୟରେ ୪ ଟି ହ୍ୟାଙ୍ଗର୍ ମଧ୍ୟରେ ପ୍ରାୟ ୪୦୦ ଷ୍ଟଲ୍ ସହିତ ଆଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ କରିବେ । ୨ ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଏବଂ ମତ୍ସ୍ୟ ପ୍ରଦର୍ଶନୀ କରାଯାଇ ବାୟୋ-ଫ୍ଲକ୍ ଟେକ୍ନୋଲୋଜି, କେଜ୍ ପଦ୍ଧତି ମାଛଚାଷ, କ୍ରସ୍‌ବ୍ରିଡ୍ ଗାଈ, ସେକ୍ସ ସର୍ଟେଡ୍ ସିମେନ୍ ବାଛୁରୀ, ପରିବେଶ ନିୟନ୍ତ୍ରିତ କୁକୁଡ଼ା ଘର ଇତ୍ୟାଦି ପ୍ରଦର୍ଶିତ ହେବ ।

ସମାବେଶର ଖୋଲା ସ୍ଥାନରେ ପ୍ରଦର୍ଶିତ ହେବାକୁ ଯାଉଥିବା ଯୁବରାଜ ବୋଫାଲୋ ବୁଲ୍, ଏଲ୍‌ଇଡି ଟନେଲ୍ ଆକ୍ୱାରିୟମ୍, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡଗ୍ ସୋ ଆଦି ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବ । ହରିୟାଣାର 'ବୋଫାଲୋ ବୁଲ୍ ଯୁବରାଜ' ମୁରା ପ୍ରଜାତିର ଅଟେ ଏବଂ ଏହା ଓଡିଶାର ଦୁଗ୍ଧଚାଷୀଙ୍କ ମଧ୍ୟରେ ଉନ୍ନତ ଦୁଗ୍ଧ ଉତ୍ପାଦନ ପାଇଁ ମଇଁଷିଙ୍କ ମୁରା ସହିତ ପ୍ରଜନନ କରିବାକୁ ସଚେତନତା ସୃଷ୍ଟି କରିବ ।

୧୬ ଫେବୃଆରୀ ୨୦୨୪ ଦିନ ସକାଳ ୬ ଟା ସମୟରେ ଏକ ୱାକାଥନ୍ ଆୟୋଜିତ ହେବ । ଏହି ଉପଲକ୍ଷେ ଭେଟେରିନାରୀ, ଫିସରିଜ୍ ଏବଂ ମ୍ୟାନେଜ୍‌ମେଣ୍ଟ କଲେଜ/ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତବ୍ୟ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି । ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସମାବେଶରେ ପୁରସ୍କୃତ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ-ପ୍ରାଣୀ ସମାବେଶର ଲୋଗୋ, ମାସ୍କଟ, ଥିମ୍ ଏବଂ ଥିମ୍ ସଙ୍ଗ୍‌ର ଉନ୍ମୋଚନ କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲାମ୍, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ରାମାଶିଷ ହାଜରା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିମଳେନ୍ଦୁ ରାୟ ପ୍ରମୁଖ ଯୋଗଦେଇଥିଲେ ।

ତାପସ କୁମାର ସାହା

ସୂଚନା ଅଧିକାରୀ